# Akashvani, Sambalpur

## SAMBALPURI NEWS MORNING BULLETIN

## 27 February 2026 - 6.47- 6.52 am.

---

ପାରାଦ୍ୱୀପ୍ ବନ୍ଦର୍ ସବୁଜ ହାଇଡ୍ରୋଜେନ୍ ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ପାରାଦ୍ୱୀପ୍ ବନ୍ଦର୍ ନ ସବୁଜ ହାଇଡ୍ରୋଜେନ୍, ଆମୋନିଆ ଆଉ ଅଲ୍‌ଗା ତରଲ୍ କାର୍ଗୋ ପରିବହନ୍ ଲାଗି ଆନୁସଙ୍ଗିକ୍ ସୁବିଧା ଆଉ ସ୍ୱତନ୍ତ୍ର ଜେଟି ବିକଶିତ୍ କର୍‌ବାର୍ ଲାଗି ୭ ଶହ ୯୭ କୋଟିନୁ ଅଏତ୍‌କା ଟଙ୍କା ମଞ୍ଜୁର୍ କରିଛନ୍ । ପ୍ରସ୍ତାବିତ୍ ପ୍ରକଳ୍ପଥି ବଛର୍‌କ ୪ ନିୟୁତ ମାଲ୍ ପରିଚାଳନା କ୍ଷମତା ରହେବା । ଇ ପ୍ରକଳ୍ପ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଭବିଷ୍ୟତ୍ ଲାଗି ପ୍ରସ୍ତୁତ୍ ସବୁଜ ଭିତିଭୂମି ନିର୍ମାଣ୍ ଦିଗେ କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ ବଲି କେନ୍ଦ୍ର ବନ୍ଦର, ଜାହାଜ ଚଲାଚଲ୍ ଆଉ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ କହିଛନ୍ ।

ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ ଟୀକା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍‌କେ ଜରାୟୁ କର୍କଟ ନୁ ମୁକ୍ତ କର୍‌ବାର୍ ଲାଗି ଆଏବାକାଏଲ୍‌ଠାନୁ କିଶୋରୀମାନ୍‌କୁ ଜରାୟୁ କର୍କଟ - ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ- ଏଚ୍.ପି.ଭି. ଟୀକାକରଣ ମୁଲ୍ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୀକାକରଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବେ । ଉଦ୍‌ଘାଟନୀ ସମାରୋହଥି ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଭାସୀ ଜରିଏ ଯୋଗ୍ ଦେବେ ବଲି ଜନାପଡ଼ିଛେ । ଅଭିଯାନ୍‌ଥି ୧୪ ବଛର୍ ବୟସ୍‌ତକ୍ ଟୁକେଲ୍ ଛୁଆମାନ୍‌କୁ ଗୁଟେ ଡୋଜ୍ ଟୀକା ଦିଆଯିବା । ଇଥିର୍‌ଲାଗି ଗୁଟେ ସ୍ୱତନ୍ତ୍ର ମାର୍ଗଦର୍ଶିକା ତିଆର୍ କରାଯାଇଛେ । ଓଡ଼ିଶା ନ ପହେଲା ଖେପେ ୩ ମାସ୍ ଭିତ୍‌ରେ ରାଜ୍ୟର୍ ଅଢ଼େଇ ଲାଖ୍ କିଶୋରୀଙ୍କୁ ଇ ଟୀକା ଦିଆଯିବା । ସେଥିର୍‌ଲାଗି ଏବ୍‌ତକ୍ ୧ ଲାଖ୍ ୯୦ ହଜାର୍ ଟୀକା ରାଜ୍ୟକେ ଆସିଛେ ।

ମହାନଦୀ ଟ୍ରିବ୍ୟୁନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ଜଲ୍‌ବିବାଦ୍ ପ୍ରାଧିକରଣର ଗୁଟେ ୧୦ ଝନିଆ ଉଚ୍ଚସ୍ତରୀୟ ଦଲ୍ ଗଲାକାଏଲ୍ ଠାନୁ ଦୁଇଦିନିଆ ସମ୍ବଲପୁର ଗସ୍ତଥି ଆସିଛନ୍ । ପ୍ରାଧିକରଣର ନୂଆ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ନେତୃତ୍ୱଥି ୩ ଝନିଆ ଖଣ୍ଡପୀଠ ଆଏଜ୍ ହୀରାକୁଦ ଡେମ୍‌ର ସ୍ପିଲ୍‌ୱେ, କମାଣ୍ଡ ଏରିଆ, ବୁର୍ଲା ପାୱାର ହାଉସ୍, ଚିପିଲିମା ପାୱାର୍ ହାଉସ୍ ବୁଲି ଦେଖିବାର୍ କାର୍ଯ୍ୟସୂଚୀ ରହିଛେ । ଗଲାକାଏଲ୍ ଉପରବେଲା ପ୍ରାଧିକରଣ୍ ଦଲ୍ ଝାରସୁଗୁଡ଼ା ବିମାନବନ୍ଦର ନ ପୁହୁଁଚିବାର୍ ଉତ୍‌ରୁ କଡ଼ା ସୁରକ୍ଷା ବ୍ୟବସ୍ଥାଥି ବୁର୍ଲା ଅଶୋକ୍ ନିବାସ୍‌କେ ଆସିଥିଲେ । ସେନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ପ୍ରାଧିକରଣ ଦଲ୍‌କେ ସ୍ୱାଗତ୍ କରିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ- ଓଡ଼ିଶା ଗସ୍ତ ଆଇ.ଆଣ୍ଡ୍.ପି.ଆର୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୫ ତାରିଖ୍ ଦିନ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ପସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଶ୍ରୀ

ଶାହା ରାଏଜେ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପି.ଜି. ପ୍ରବେଶିକା ପରୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଚଲ୍‌ତି ଶିକ୍ଷାବର୍ଷରେ ସ୍ନାତକୋତର ପାଠ୍ୟକ୍ରମଥି ନାଁଲେଖାବାର୍ ଲାଗି ହଉଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା-ସି.ପି.ଇ.ଟି. ଲାଗି ଆଏଜ୍‌ଠାନୁ ଫର୍ମ ପୂରଣ ପ୍ରକ୍ରିୟା ମୁଲ୍ ହେଉଛେ । ଆଗ୍ରହୀ ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲ୍ ଜରିଏ ଆଏବା ମାସର୍ ୧୫ ତାରିଖ୍‌ତକ୍ ଫର୍ମ ପୂରଣ କରିପାର୍‌ବେ । ଏପ୍ରିଲ ୨୭ନୁ ମେ ମାସର ୧୦ ତାରିଖ୍‌ତକ୍ ପ୍ରବେଶିକା ପରୀକ୍ଷା ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆଚାର୍ଯ୍ୟ ହରିହର ଦାସ୍ ଜୟନ୍ତୀ ଆଇ.ଆଣ୍ଡ୍.ପି.ଆର୍

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ୍‌ସେବୀ ଆଉ ଶିକ୍ଷାବିତ୍ ଆଚାର୍ଯ୍ୟ ହରିହର ଦାସ୍‌ଙ୍କର୍ ଜୟନ୍ତୀ ଆଏଜ୍ ରାଜ୍ୟବାସୀ ତାଙ୍କୁ

ଶ୍ରଦ୍ଧାଞ୍ଜଲି ଜନଉଛନ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ବିହାର୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ସଖାଲ୍‌ବେଲା ବହୁତ୍ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ୍ କର୍‌ବେ । ବେଲ୍‌ବୁଡ଼େ ଜୟଦେବ୍ ଭବନ୍ ନ ହେବାର୍‌କେ ଥିବା ଗୁଟେ ସାଧାରଣ୍ ସଭାଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ସେଆଡ଼େ ଆଏଜ୍ ଦିନର୍ ସାଢ଼େ ୧୦ ବଜେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ହରିହର ପାର୍କ ନ ତାଙ୍କର୍ ଗୁଟେ ପ୍ରତିମୂର୍ତି ଉନ୍ମୋଚନ୍ କରାଯିବା । ଇ ଅବ୍‌ସରେ ଏକାମ୍ର ବିଧାୟକ୍, ଭୁବ୍‌ନେଶ୍ୱର୍ ମେୟର୍ ପ୍ରମୁଖ ଯୋଗ୍ରେ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସିଆର୍‌ପିଏଫ୍- ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍     କଲାହାଣ୍ଡି

କଲାହାଣ୍ଡି ଜିଲ୍ଲା ଯୁଗସାଇପାଟ୍‌ନା ଠାନେ ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ନକ୍ସଲ୍ ପ୍ରଭାବିତ୍ ଇଲାକା ନ ସୁରକ୍ଷା ବାହିନୀ ଆଉ ଲୁକ୍‌କର୍ ଭିତ୍‌ରେ ସମ୍ପର୍କ ବଢ଼ାବାର୍ ସହେତେ ଦକ୍ଷତା ବିକାଶ୍

ଆତ୍ମନିଯୁକ୍ତିକେ ତହଁକାବାର୍‌ଟା କାର୍ଯ୍ୟକ୍ରମ୍‌ର ମୁଖ୍ୟଲକ୍ଷ୍ୟ ଆଏ । ଇ ଅବ୍‌ସରେ ବାଟାଲିୟନ୍ ତର୍‌ଫୁ ଇଲାକାର୍ ଲୁକ୍‌କୁ ସିଲେଇ, ଅଗର୍‌ବତୀ, ଖଲି, କାଗଜ୍ ପ୍ଲେଟ୍ ତିଆର୍ ସହେତେ ମହୁମାଛି ପାଲନ୍ ଲାଗି ତାଲିମ୍ ଦିଆଯାଇଥିଲା ।

ଅଗ୍ନିବୀର-ରେଲ୍‌ବାଇ ନିଯୁକ୍ତି        ପି.ଆଇ.ବି.

ଭାରତୀୟ ସେନା କର୍ମଚାରୀ ଆଉ ଅଗ୍ନିବୀର୍ ମାନ୍‌କର୍ ଅବସର ପରର୍ ନିଯୁକ୍ତି ଲାଗି ଭାରତୀୟ ସେନା ଆଉ ରେଲ୍‌ବାଇ ତର୍‌ଫୁ ଗୁଟେ ସହଯୋଗୀ ଢାଂଚା ତିଆର୍ କରାଯାଇଛେ । ଇମାନ୍‌କୁ ଲେଭେଲ୍-ଓ୍ୱାନ୍ ଆଉ ଲେଭେଲ୍ - ଟୁ ନୁ ଉପର୍‌ପୋଷ୍ଟ୍‌ଥି ନିଯୁକ୍ତି ଦିଆଯିବା । ରେଲ୍‌ବାଇ ତର୍‌ଫୁ ୫ ହଜାର୍‌ନୁ ଅଏତ୍‌କା ପୂର୍ବତନ ସେନା କର୍ମଚାରୀଙ୍କୁ ଠିକା ଭିତିଥି ପଏଂଟ୍‌ସ୍ ମେନ୍ ଭାବେ ନିଯୁକ୍ତି ଦେବାର୍‌କେ ଯାଉଛେ ।

ତୋଷାଳି ମେଳା        ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ଚାଲିଥିବା ୨୦ ନମ୍ବର୍ ତୋଷାଳି ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ହସ୍ତତନ୍ତ ଆଉ ବୟନଶିଳ୍ପ ବିଭାଗ୍‌ର ଶାସନ୍ ସଚିବ ଗୁହା ପୁନମ୍ ତାପସ୍ କୁମାର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ତୋଷାଳି ମହାକୁମ୍ଭ ବୁଣାକାର୍ ଆଉ କାରିଗର୍‌ମାନ୍‌କର୍ ଆର୍ଥିକ୍ ଅଭିବୃଦ୍ଧି ଲାଗି ସହାୟକ ହେଉଛେ ବଲି କହିଛନ୍ ।

ଜିଲ୍ଲାପାଲ୍ - ସମୀକ୍ଷା ବୈଠକ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ମୁଖ୍ୟାଲୟ ନ ମୃତିକା ସଂରକ୍ଷଣ୍ ଆଉ ଜଳ ବିଭାଜିକା ଉନ୍ନୟନ୍ ବିଭାଗ୍‌ର ମାସିକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ବିଭାଗ୍‌ର ଅଧିକାରୀମାନେ ଜିଲ୍ଲା ନ ଚାଲିଥିବା ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ସୁପୋଷିତ୍ ଓଡ଼ିଶା ମିଶନ୍       ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ନ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆଉ ଜିଲ୍ଲା ପ୍ରଶାସନ ତର୍‌ଫୁ ସୁପୋଷିତ୍ ଓଡ଼ିଶା ମିଶନ୍ ଲକ୍ଷ୍ୟ କର୍ମଶାଳା ହେଇଯାଇଛେ । ୨୦୨୯ ମସିହାତକ୍ ଜନମ୍‌ନୁ ୫ ବଛର୍ ଭିତ୍‌ରେ ଛୁଆମାନ୍‌କୁ ସ୍ୱାସ୍ଥ୍ୟବାନ ରଖ୍‌ବାର ଲାଗି କର୍ମଶାଳାଥି ଆଲୋଚନା କରାଯାଇଥିଲା । ଇଥିର୍‌ଲାଗି ଜିଲ୍ଲାର୍ ଆଇ.ସି.ଡି.ଏସ୍. ସିଡ଼ିପିଓ, ସୁପରଭାଇଜର୍ ଆଉ ଅଙ୍ଗନୱାଡ଼ି କର୍ମୀମାନ୍‌କୁ ତାଲିମ୍ ଦିଆଯାଇଥିଲା ।